୨୪ ଡ଼ିସେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ

ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍ଦୁଲ୍ଲାଃ ବିନ୍ ଉସମାନ୍ ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱର ଅ.ବ କହିଲେ; ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ମଦିନା ପ୍ରବାସ କରିବା ସମୟରେ ହଜରତ ଅବୁବକର ସିଦ୍ଦିକ୍ ର.ଅ ମଧ୍ୟ ସାଥିରେ ଥିଲେ । ମକ୍କାରେ ବାସ କରୁଥିବା ମୁସଲମାନମାନଙ୍କ ଉପରେ ଯେତେବେଳେ ଅମାନ୍ୟକାରୀଙ୍କ ଅନ୍ୟାୟ ଅତ୍ୟାଚାର ସୀମାଲଙ୍ଘନ କରିଗଲା । ସେତେବେଳେ ହଜୁର ସ.ଅଙ୍କୁ ସ୍ୱପ୍ନରେ ଏକ ଖଜୁରୀରେ ଘେରି ରହିଥିବା ସ୍ଥାନକୁ ପ୍ରବାସ କରି ଯିବାର ଦେଖାଗଲା । ତାହାର ଭୌଗୋଳିକ ସ୍ଥିତି ଓ ନକ୍ସା ଦେଖି ହଜୁର ସ.ଅ ଅନୁମାନ କଲେ ଯେ ଯେଉଁ ସ୍ଥାନକୁ ପ୍ରବାସ କରି ଯିବାର ସଙ୍କେତ ମିଳୁଛି ସମ୍ଭବତଃ ତାହା ୟମାମା (ଅଂଚଳ) ଅଟେ । କିନ୍ତୁ କିଛି ଅବଧି ପରେ ଯେତେବେଳେ ମଦିନାର ନିଷ୍କପଟ ଅନସାରମାନେ ଇସଲାମ ଧର୍ମରେ ଦୀକ୍ଷିତ ହେବା ଆରମ୍ଭ କଲେ ଏବଂ ପ୍ରଭୁଙ୍କ ଐଶୀ ସଙ୍କେତ ଆପଣଙ୍କ ଉପରେ ପ୍ରକାଶ୍ୟ କଲା ଯେ ତାହା ୟଶରବ୍‌ର ପବିତ୍ର ଭୂମି ଅଟେ । ଯାହାକି ପରବର୍ତ୍ତୀ ସମୟରେ ମଦିନା ନାମରେ ପ୍ରସିଦ୍ଧି ଅର୍ଜନ କରିବା ନିୟତ ଥିଲା ।

ହଜୁର ସ.ଅଙ୍କ ଅନୁମତିକ୍ରମେ ମକ୍କାର ମୁସଲମାନମାନେ ମଦିନା ଆଡ଼କୁ ପ୍ରବାସ କରିବା ଆରମ୍ଭ କରିଦେଲେ । କିନ୍ତୁ ବୈଅତେ ଅକ୍‌ବା ସାନିୟା ପରେ ଏହି ପ୍ରବାସ ଖୁବ୍ ତୀବ୍ରତର ରୂପ ଧାରଣ କରିଥିଲା । ଯଦ୍ୱାରା ମକ୍କାର ସରଦାରମାନେ କ୍ରୋଧରେ ଜର୍ଜରିତ ହୋଇ ବାକି ରହି ଯାଇଥିବା ମୁସଲମାନମାନଙ୍କ ଉପରେ ପ୍ରତିଦିନ ଅଭିନବ ଉପାୟରେ ଅତ୍ୟାଚାର କରୁଥିଲେ । କିନ୍ତୁ ଧୈର୍ଯ୍ୟ ଓ କୃତଜ୍ଞତାର ମଙ୍ଗ ଧରିଥିବା ପୁଣ୍ୟବାନ ମୁସଲମାନମାନେ ଯେ ପ୍ରବାସ କରିବାକୁ ସକ୍ଷମ ଥିଲେ ସେମାନେ ମଦିନା ପ୍ରବାସ କରି ଯାଉଥିଲେ, ଯେତେବେଳେ କି ହଜୁର ସ.ଅ (ପ୍ରବାସ କରିବାକୁ) ପ୍ରଭୁଙ୍କ ଅନୁମତି ପ୍ରାପ୍ତ କରିବା ଅପେକ୍ଷାରେ ଥିଲେ । ଯେତେବେଳେ ହଜରତ ଅବୁବକର ର.ଅ ପ୍ରବାସ କରିବାର ଅନୁମତି ମାଗିଲେ ସେତେବେଳେ ହଜୁର ସ.ଅ ଉତ୍ତର ଦେଲେ, ଅଲା ରିସ୍‌ଲିକା ଫଇନ୍ନି ଅର୍‌ଯୁ ଅଈଁ ୟ୍ୱାଜନାଲି ଅର୍ଥାତ ଟିକିଏ ଥୟ ଧର କାରଣ ମୁଁ ଆଶା କରୁଛି ଯେ ପ୍ରଭୁ ମୋତେ ଏଥି ସକାଶେ ଅନୁମତି ପ୍ରଦାନ କରିବେ । ଶେଷରେ ମକ୍କାରେ କେବଳ ହଜରତ ମୁହମ୍ମଦ ମୁସ୍ତଫା ସ.ଅ, ହଜରତ ଅବୁବକର୍ ର.ଅ, ହଜରତ ଅଲୀ ର.ଅ ଓ କିଛି କ୍ରୀତଦାସ ପ୍ରବାସ କରି ଯିବାରୁ ରହି ଯାଇଥିଲେ ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ମକ୍କାର ଅମାନ୍ୟକାରୀଙ୍କୁ ଯେତେବେଳେ ଏହି ଭୟ ଓ ଚିନ୍ତା ଘାରିଲା ଯେ ମୁହମ୍ମଦ ମଧ୍ୟ ପ୍ରବାସ କରି ମଦିନା ଚାଲି ନଯାନ୍ତୁ । ବସ୍ତୁତଃ ସେମାନେ ହଜୁର [ସ.ଅ]ଙ୍କ ପ୍ରସଙ୍ଗରେ ପରାମର୍ଶ କରିବା ସକାଶେ ଗୁପ୍ତ ଭାବରେ କସା ବିନ୍ କଲାବ୍‌ଙ୍କ ଘର ଦାରୁଲ୍ ନଦଓ୍ୱାରେ ଏକତ୍ରିତ ହୋଇଗଲେ । ଉକ୍ତ ଦିବସକୁ ୟୋମୁଜ୍ ଜହମାଃ କୁହନ୍ତି । ସେହି ସ୍ଥଳେ କୁରୈଶ୍‌ର ବିଶେଷ ମାନ୍ୟଗଣ ସରଦାରଙ୍କ ବ୍ୟତୀତ କେତେକ ଏପରି ସରଦାର ମଧ୍ୟ ସାମିଲ ଥିଲେ, ଯାହାଙ୍କ ଗଣନା କୁରୈଶ୍‌ରେ ହେଉ ନଥିଲା । ହଜୁର [ସ.ଅ]ଙ୍କ ବିପକ୍ଷରେ ନାନା ପ୍ରସ୍ତାବ ଓ ବିଚାର ବିମର୍ଷର ବିଶ୍ଳେଷଣ କରିବା ପରେ ଯେପରିକି ହଜୁର [ସ.ଅ]ଙ୍କୁ ଗୋଟିଏ ସ୍ଥାନରେ ନଜର ବନ୍ଦ କରିଦେବା ଅଥବା ଦେଶରୁ ବିତାଡ଼ିତ କରିଦେବା ଇତ୍ୟାଦି । କିନ୍ତୁ ଅବୁ ଜହଲ୍‌ର ରାୟ ଥିଲା ଯେ କୁରୈଶର ପ୍ରତ୍ୟେକ କବିଲାରୁ ବଳବାନ ଓ ଉଚ୍ଚ ଆଭିଜାତ୍ୟ ଯୁବକଙ୍କୁ ଚୟନ କରି ମୁହମ୍ମଦ [ସ.ଅ]ଙ୍କୁ ହତ୍ୟା କରିଦେବା ଉଚିତ୍ । ଏପରି ଭାବରେ ଆପଣଙ୍କ ରକ୍ତ ସମସ୍ତ କବିଲା ମଧ୍ୟରେ ବାଣ୍ଟି ହୋଇଯିବ ଏବଂ ସଭିଏଁ ମିଳିମିଶି କ୍ଷତି ପୂରଣ ପୈଠ କରିବାକୁ ରାଜି ହୋଇଯିବେ । ଏଥିରେ ଜଣେ ଚଦର ଘୋଡ଼ି ହୋଇଥିବା ଶୈତାନ ସ୍ୱଭାବୀ ବୃଦ୍ଧ ବ୍ୟକ୍ତି ଯାହାକୁ କେହି ଚିହ୍ନି ନଥିଲେ କହିଲା; ମୁଁ ନଜଦ୍‌ବାସୀ ଅଟେ । ତୁମମାନଙ୍କର ଉପକାର ସାଧିତ କରିବା ସକାଶେ ମୁଁ ଏଠାକୁ ଆସିଛି । ସେ ଅବୁ ଜହଲ୍‌ର ମତକୁ ସ୍ୱାଗତ ଜଣାଇ ପୂର୍ଣ୍ଣ ସମର୍ଥନ କରିଥିଲା । ଯଦ୍ୱାରା ଅନ୍ୟମାନେ ମଧ୍ୟ ଏହି ପ୍ରସ୍ତାବରେ ରାଜି ହୋଇଗଲେ । ଅପର ପାର୍ଶ୍ୱରେ ଅଲ୍ଲାଃତାଲା ହଜୁର [ସ.ଅ]ଙ୍କୁ ଏସମସ୍ତ ଘଟଣା ଚକ୍ର ସଂକ୍ରାନ୍ତରେ ସୂଚିତ କରି ଜିବରିଲ୍‌ଙ୍କ ମାଧ୍ୟମରେ ପ୍ରବାସ କରି ଯିବାର ଅନୁମତି ପ୍ରଦାନ କରି ଦେଲେ ଏବଂ ଏଥିସହିତ ଆପଣ ମକ୍କା ବିଜୟ କରି (ପୁନଃ ମକ୍କା) ପ୍ରତ୍ୟାବର୍ତ୍ତନ କରିବାର ମଧ୍ୟ ସୁସମାଚାର ପ୍ରଦାନ କରାଯାଇଥିଲା ।

ପ୍ରବାସ କରିବାର ଅନୁମତି ମିଳିବା ପରେ ହଜୁର[ସ.ଅ] ଭୀଷଣ ଗ୍ରୀଷ୍ମ ତାପରେ ମଧ୍ୟାହ୍ନ ସମୟରେ ସମ୍ପୂର୍ଣ୍ଣ ରୂପେ ଚଦର ଘୋରେଇ ହୋଇ ଯେପରି କେହି ଜାଣିପାରିବେ ନାହିଁ, ହଜରତ ଅବୁବକର [ର.ଅ]ଙ୍କ ଘରକୁ ଚାଲିଗଲେ । ସେଠାରେ ପହଂଚି ହଜୁର[ସ.ଅ] ହଜରତ ଅବୁବକର [ର.ଅ]ଙ୍କୁ କହିଲେ; ମୋତେ ଅଲ୍ଲାଃତାଲା ପ୍ରବାସ କରିବାର ଅନୁମତି ପ୍ରଦାନ କରି ଦେଇଛନ୍ତି । ହଜରତ ଅବୁବକର[ର.ଅ] ପଚାରିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ମୋତେ ମଧ୍ୟ ଆପଣ ନିଜ ସାଥିରେ ନେଇଯିବେ ? ହଜୁର[ସ.ଅ] ଉତ୍ତର ଦେଲେ ହଁ । ଏହି ପ୍ରବାସର ଯେହେତୁ ହଜରତ ଅବୁବକର[ର.ଅ] ପୂର୍ବାନୁମାନ କରି ନେଇଥିଲେ ତେଣୁ ଆପଣ ପୂର୍ବରୁ ହିଁ ଦୁଇଟି (ସବଳ) ଓଟ ୮୦୦ ଦିରହମ୍‌ରେ ଖରିଦ୍ କରି ରଖିଥିଲେ । କିନ୍ତୁ ହଜୁର[ସ.ଅ] ତାଙ୍କୁ ଉକ୍ତ ଓଟର ମୂଲ୍ୟ ବାଧ୍ୟ କରି କେତେକ ବର୍ଣ୍ଣନାନୁଯାୟୀ ୪୦୦ ଦିରହମ୍ ଓ ଆଉ କେତେକ ବର୍ଣ୍ଣନାନୁଯାୟୀ ସମୁଦାୟ ୮୦୦ ଦିରହମ୍ ପ୍ରଦାନ କରି ଦେଇଥିଲେ ।

ପୂର୍ବ ଯୋଜନାନୁଯାୟୀ ପ୍ରଥମ ଅବସ୍ଥାନ ଗାରେ ସୋର ଠାରେ ହେବା ସ୍ଥିର ହୋଇଥିଲା । ଯେଉଁଠାରେ ତିନି ଦିନ ଅବସ୍ଥାନ କରିବା ଧାର୍ଯ୍ୟ ହୋଇଥିଲା । ମକ୍କାର ସମସ୍ତ ମରୁ ମାର୍ଗର ପ୍ରବୀଣ ତଥା ପବିତ୍ର ହୃଦୟୀ ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ଅରିକତ୍ ଅଧୀନରେ ତିନୋଟି ଯାକ ଓଟ ପ୍ରଦାନ କରି ଦିଆଯାଇଥିଲା । ତାକୁ ତିନି ଦିନ ପରେ ପ୍ରଭାତ ସମୟରେ ସଅଳ ସଅଳ ଆଣି ଗାରେ ସୋର ପହଂଚି ଯିବାର ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତି ଜଣକ ମୁସଲମାନ ହୋଇଯାଇଥିଲେ । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବୁବକର [ର.ଅ]ଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ଯେ ସେ ପ୍ରତିଦିନ ସନ୍ଧ୍ୟା ସମୟରେ ଗାରେ ସୋର ଆସି

ମକ୍କା ସମ୍ପର୍କରେ ସୂଚନା ଦେବେ । ହଜରତ ଅବୁବକର [ର.ଅ]ଙ୍କର ଜଣେ ବୁଦ୍ଧିମାନ ଓ ଦାୟିତ୍ୱବାନ ଦାସ ଆମିର୍ ବିନ୍ ଫହିରାଃ [ର.ଅ]ଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ଯେ ସେ ନିଜ ଛେଳିମେଣ୍ଢାମାନଙ୍କୁ ଆଣି ଗାରେ ସୋର ଆଖପାଖରେ ଚରାଇବେ ଯଦ୍ୱାରା ସେମାନଙ୍କ ଠାରୁ ସନ୍ଧ୍ୟା ବେଳେ ସଜ କ୍ଷୀର ପାନ କରିବାକୁ ମିଳିବ । ହଜରତ ଅଲୀ [ର.ଅ]ଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ଯେ ସେ ରାତିରେ ଆସି ହଜୁର [ସ.ଅ]ଙ୍କ ଶେଯରେ ସବୁଜ ଚଦର ଘୋଡ଼ି, ଆଉ କେତେକ ବର୍ଣ୍ଣନାନୁଯାୟୀ ଲାଲ୍ ରଙ୍ଗର ହଜରମି ଚଦର ଘୋଡ଼ି ଶୋଇ ପଡ଼ିବେ ଏବଂ ହଜୁର [ସ.ଅ]ଙ୍କ ନିକଟରେ ଲୋକମାନେ ରଖିଥିବା ସନ୍ତକଗୁଡ଼ିକୁ ଫେରସ୍ତ କରି ତିନି ଦିନ ପରେ ମଦିନାରେ ପହଂଚିଯିବେ ।

ପ୍ରବାସ କରିବା ସକାଶେ ହଜୁର [ସ.ଅ]ଙ୍କର ଘରୁ ବାହାରିବାର ସଠିକ୍ ସମୟ ପ୍ରସଙ୍ଗରେ ଭିନ୍ନ ଭିନ୍ନ ମତ ରହିଛି । ସେ ଯାହା ହେଉ ହଜରତ ମସିହ ମଉଦ [ଅ.ସ]ଙ୍କ କହିବାନୁଯାୟୀ; ହଜୁର[ସ.ଅ] ପ୍ରଭାତ ସମୟରେ ଘରୁ ବାହାରି ଥିଲେ ଏବଂ ଆପଣ ମକ୍କାରୁ ବାହାରିବା ସମୟରେ କୌଣସି ବିରୋଧୀ ଆପଣଙ୍କୁ ଦେଖି ନଥିଲେ । ଅପର ପଟରେ ବିରୋଧୀମାନେ ଆପଣ ଘରକୁ ଘେରାଉ କରି ରଖିଥିଲେ । ପରମେଶ୍ୱର ସୁରାଃ ୟାସିନ୍‌ରେ ଦର୍ଶାଇଛନ୍ତି, ଯେ ଆମ୍ଭେ ସେହି ବିରୋଧୀମାନଙ୍କ ଚକ୍ଷୁରେ ପରଦା ପକାଇ ଦେଇଥିଲୁ, ଯଦ୍ୱାରା ହଜୁର[ସ.ଅ] ସେମାନଙ୍କ ନିକଟରୁ ସେମାନଙ୍କ ମୁଣ୍ଡ ଉପରେ ପାଉଁଶ ଢ଼ାଳି ଚାଲିଗଲେ । ଏହିପରି ହଜୁର[ସ.ଅ] ନିଜ ଘରୁ ବାହାରି କେଉଁ ଆଡ଼କୁ ଚାଲି ଯାଇଥିଲେ ତାହା ସଠିକ୍ କେହି ଜାଣି ପାରି ନଥିଲେ । ସମ୍ଭବତଃ ଆପଣ ନିଜ ଘରୁ ବାହାରି ସିଧା ହଜରତ ଅବୁବକର [ର.ଅ]ଙ୍କ ଘରେ ପହଂଚି ଯାଇଥିଲେ । ସେହିଠାରୁ ଦୁହେଁ ଗାରେ ସୋର ଅଭିମୁଖେ ଯାତ୍ର କରିଥିଲେ । ଯାତ୍ରା ସକାଶେ ହଜରତ ଆଏଶ[ର.ଅ] ନିଜ ପାରଦର୍ଶିତା ବଶତଃ ଉଭୟଙ୍କ ପାଇଁ କିଛି ସାମଗ୍ରୀ ଏକ ଥଳିରେ ବାନ୍ଧି ଦେଇଥିଲେ । ଥଳିର ମୁହଁ ବାନ୍ଧିବା ସକାଶେ ହଜରତ ଅସ୍‌ମା[ର.ଅ] ନିଜ ଅଣ୍ଟା ସୂତା (ନତାକ୍)କୁ ଦୁଇ ଖଣ୍ଡ କରି ଥଳି ବାନ୍ଧି ଦେଇଥିଲେ । ଏଥିରେ ହଜୁର[ସ.ଅ] କହିଲେ; ଅଲ୍ଲାଃତାଲା ତୁମର ଏହି ଅଣ୍ଟା ସୂତା ପ୍ରତିବଦଳରେ ତୁମକୁ ବୈକୁଣ୍ଠରେ ଦୁଇଟି ଅଣ୍ଟା ସୂତା ପ୍ରଦାନ କରିବେ । ସେଥିଅନ୍ତେ ହଜରତ ଅସ୍‌ମା [ର.ଅ]ଙ୍କର ନାମ ଚିର କାଳ ପାଇଁ ଜାତୁନ୍ ନତାକ୍ ପଡ଼ିଗଲା ।

ପ୍ରବାସ ଯାତ୍ରା ସମୟରେ ହଜୁର[ସ.ଅ] ଅହରହ ଏହି ଦୁଆ ଆବୃତ୍ତି କରୁଥିଲେ; ଓ୍ୱକୁର୍ ରବ୍‌ବି ଅଦ୍‌ଖିଲ୍‌ନି ମୁଦ୍‌ଖଲା ସିଦ୍‌କିଉଁ ଓଅଖ୍‌ରିଜ୍‌ନି ମୁଖ୍‌ରଜା ସିଦ୍‌କିଉଁ ଓଜ୍‌ଅଲ୍‌ଲି ମିଲ୍‌ଲଦୁନ୍‌କା ସୁଲ୍‌ତାନନ୍ ନସିରା (ବନି ଇସ୍ରାଇଲ୍ ୧୭:୮୧) ଏବଂ ତୁମେ କହଦିଅ ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭର (ମକ୍କା ସହରରେ) ପ୍ରବେଶକୁ ସତ୍ ପ୍ରବେଶ କରାଅ ଓ (ମକ୍କା ସହରରୁ) ଆମ୍ଭର ପ୍ରସ୍ଥାନକୁ ମଧ୍ୟ ସତ୍ ପ୍ରସ୍ଥାନ କରାଅ । ଏବଂ ଆମ୍ଭ ପାଇଁ ତୁମ୍ଭ ନିକଟରୁ ଜଣେ ସୁଦକ୍ଷ ସାହାଯ୍ୟକାରୀ ପ୍ରଦାନ କର । ଯେତେବେଳେ କି ଶରଃ ଜରକାନିରେ ଗୋଟିଏ ଦୁଆର ମଧ୍ୟ ଚର୍ଚ୍ଚା ରହିଛି ଖାନା କାବାର ପଶ୍ଚାତ ଭାଗରୁ ହଜୁର[ସ.ଅ] ଚାଲିଯିବା ସମୟରେ ମକ୍କା ଆଡ଼କୁ ନିଜର ପବିତ୍ର ମୁଖ ବୁଲାଇ କହିଲେ; ଅଲ୍ଲାଃଙ୍କ ରାଣ ! ହେ ମକ୍କା ସହର ତୁମେ ମୋତେ ସବୁଠାରୁ ଅଧିକ ପ୍ରିୟ । ଯଦି ତୋର ବାସିନ୍ଦା ମୋତେ ଏଠାରୁ ଚାଲିଯିବାକୁ ବାଧ୍ୟ କରି ନଥାନ୍ତେ ତେବେ ମୁଁ କଦାପି ଏଠାରୁ ବାହାରି ଯାଇ ନଥାନ୍ତି ।

ଇମାମ ବେହିକୀ ଲେଖିଛନ୍ତି; ଗାରେ ସୋର ଯିବା ମାର୍ଗରେ ହଜରତ ଅବୁବକର[ର.ଅ] ହଜୁର [ସ.ଅ]ଙ୍କୁ ସୁରକ୍ଷା ପ୍ରଦାନ କରିବା ସକାଶେ ଆପଣଙ୍କ ଚତୁର୍ପାର୍ଶ୍ୱରେ ସତର୍କ ଦୃଷ୍ଟି ରଖି ଆଗକୁ ବଢୁଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ସେହି ପର୍ବତର ଦୁର୍ଗମ ଯାତ୍ରାରେ ହଜୁର [ସ.ଅ]ଙ୍କ ପବିତ୍ର ପାଦ ମଧ୍ୟ କ୍ଷତ ବିକ୍ଷତ ହୋଇ

ଯାଇଥିଲା । ଗାରେ ସୋରରେ ପହଂଚିବା ପରେ ହଜରତ ଅବୁବକର[ର.ଅ] କୌଣସି ପ୍ରକାର ଅସୁବିଧା ଜାଂଚ କରିବା ପାଇଁ ପ୍ରଥମେ ସ୍ୱୟଂ ଗୁମ୍ଫା ଭିତରକୁ ଚାଲିଗଲେ ଏବଂ ଗୁମ୍ଫାକୁ ବାସୋପଯୋଗୀ କରିବା ସକାଶେ ସଫା ସୁତୁରା କଲେ । ସେଥିଅନ୍ତେ ହଜୁର [ସ.ଅ]ଙ୍କୁ ଭିତରକୁ ଆସିବା ପାଇଁ ଆମନ୍ତ୍ରିତ କଲେ । ସେଠାରେ ହଜୁର[ସ.ଅ] ହଜରତ ଅବୁବକର [ର.ଅ]ଙ୍କ ଜଙ୍ଘ ଉପରେ ମୁଣ୍ଡ ରଖି ବିଶ୍ରାମ କଲେ । ହଜରତ ଅବୁବକର[ର.ଅ] ନିଜ ପାଦ ଗୋଟିଏ ଗର୍ତ୍ତରେ ରଖିଦେଲେ ଯଦ୍ୱାରା ସେଥିରେ ଥିବା ଏକ ବିଛା ଅବା ସର୍ପ ଆପଣଙ୍କୁ କାମୁଡ଼ି ଦେଲା କିନ୍ତୁ ଆପଣ ତିଳେ ମାତ୍ର ଟଳମଟଳ ହେଲେ ନାହିଁ । ଯେତେବେଳେ ହଜୁର [ସ.ଅ]ଙ୍କ ନିଦ ଭାଙ୍ଗିଲା ସେତେବେଳେ ହଜରତ ଅବୁବକର [ର.ଅ]ଙ୍କ ଚେହେରା ରଙ୍ଗ ପରିବର୍ତ୍ତନ ହୋଇଥିବା ଦେଖି କାରଣ ପଚାରିଲେ ଏବଂ ଆଘାତ ସ୍ଥାନରେ ନିଜ ପବିତ୍ର ଛେପ ଲେପନ କଲେ । ସେଥିଅନ୍ତେ ହଜରତ ଅବୁବକର [ର.ଅ]ଙ୍କ ପାଦ ଏପରି ପରିବର୍ତ୍ତିତ ହୋଇଗଲା ଯେମିତି କିଛି ଘଟି ହିଁ ନଥିଲା ।

ଯେତେବେଳେ କୁରୈଶ ମକ୍କାବାସୀଙ୍କୁ ହଜୁର [ସ.ଅ]ଙ୍କ ଶେଯରେ ହଜରତ ଅଲୀ[ର.ଅ] ମିଳିଲେ । ସେମାନେ ଆପଣଙ୍କୁ ମାଡ଼ ମାରି ଛାଡ଼ିଦେଲେ । ହଜରତ ଅସମା [ର.ଅ]ଙ୍କୁ ମଧ୍ୟ ସେମାନେ ଧରି ପଚରା ଉଚରା କଲେ ଓ ଅବୁ ଜହଲ୍ ତାଙ୍କୁ ଖୁବ୍ ଜୋରରେ ଏକ ଚାପୁଡ଼ା ମାରିଲା ଯଦ୍ୱାରା ତାଙ୍କ କାନଫୁଲ ଭାଙ୍ଗିଗଲା । ଶେଷରେ ମକ୍କାର ଜଣେ ସରଦାର ଉମୟା ବିନ୍ ଖଲଫ୍ ଯେ ନିଜେ ଜଣେ ସୁଦକ୍ଷ ସନ୍ଧାନକାରୀ (ଖୋଜି) ଅଲକମା ବିନ୍ କରଯ୍‌କୁ ସାଥିରେ ନେଇ ହଜୁର [ସ.ଅ]ଙ୍କ ପଛରେ ବାହାରିଲା । ସେମାନେ ଗାରେ ସୋରର ମୁହାଣରେ ପହଂଚିଗଲେ ହଜରତ ଅବୁବକର[ର.ଅ] ବର୍ଣ୍ଣନା କରନ୍ତି, ମୁଁ ସେମାନଙ୍କ ପାଦ ସ୍ପଷ୍ଟ ରୂପେ ଦେଖି ପାରୁଥିଲି । ଯଦି ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଭିତରକୁ ଉଣ୍ଡି ଦେଇଥାନ୍ତା ତେବେ ଆମେ ଧରା ପଡ଼ିଯାଇଥାନ୍ତୁ । କିନ୍ତୁ ଏଭଳି ସଙ୍କଟାପନ୍ନ ଅବସ୍ଥାରେ ପ୍ରଭୁଙ୍କ ଆଦେଶରେ ଏକ ବୁଢ଼ିଆଣୀ ଆସି ଗୁମ୍ଫା ମୁହଁରେ ଜାଲ ବୁଣିଦେଲା ଏବଂ ହଳେ ପାରା ଆସି ନିଜର ବସା ବାନ୍ଧି ଅଣ୍ଡା ମଧ୍ୟ ଦେଇ ଦେଲେ । ସେଥିଅନ୍ତେ ହଜୁର ଅନଓ୍ୱର[ଅ.ବ] କହିଲେ; ଏହି ପରିପ୍ରେକ୍ଷୀରେ ଅଧିକ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ହେବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

24th December 2021